QUESTION BANK

CLASS-5

SUB-ODIA

CHAPTER-1 ମାତୃଭୂଧ

୨)ବାକ୍ୟ ଗଠନ:-

ମୁଁ ମୋ ପଡୋଶୀ ଘରକୁ ବୁଲିବାକୁ ଯାଇଥିଲି।

ବାଳକ ମାନେ ପଡିଆରେ ଖେଳୁଛନ୍ତି।

ଆମ ଗ୍ରାମ କୁ ମୁଖ୍ୟମନ୍ତ୍ରୀ ଆସିଥିଲେ।

ପର ଆପଣା ଭେଦ ଭାବ ରଖିବା ଉଚିତ ନୁହେଁ।

ସୂର୍ଯ୍ୟ ସକଳ ଶକ୍ତିର ଆଧାର ଅଟେ।

ମୁଁ ମୋର ମାତୃଭୂମିର ନାମ ଉଚ୍ଚ ରେ ରଖିବି।

୩)ବିପରୀତ:- ପର, ଅଜ୍ଞାନ, ସହର, ମନ୍ଦ

୪)ପ୍ରତିଶବ୍ଦ:-

ଗଜ,ହସ୍ତି

ଘର,ନିଳୟ

ଅଶ୍ବ, ଘୋଟକ

ଛାଗ,ଛାଗଳ

ରାଜନ,ନୃପତି

୫)ଦେଶ, ରାଜ୍ୟ, ଜିଲ୍ଲା, ଗ୍ରାମ, ପଞ୍ଚାୟତ, ପଡା, ଘର

୬)ରୂପାନ୍ତର, ଧର୍ମାନ୍ତର, ସ୍ଥାନାନ୍ତର, ମତାନ୍ତର, ଦେଶାନ୍ତର

୯)ଲିଙ୍ଗ ପରିବର୍ତ୍ତନ:- ରାଣୀ, ବାଳିକା, ପିତା

୧୦)ଠିକ ଶବ୍ଦ:- ଶ୍ରେଷ୍ଠ, ମାତୃଭୂମି, ପୁଷ୍କରିଣୀ, ସ୍ବର୍ଗ

୧୧)ଉତ୍ତର:-

କ)ଆମେ ସାଙ୍ଗ ଘରକୁ ଗଲେ ନିଜ ଘର ଓ ସାଙ୍ଗ ଘର ଭିତରେ ଥିବା ତଫାତ ବୁଝିପାରୁ।

ଖ)ଅନ୍ୟ ପଡା କୁ ଯାଇଥିବା ବେଳେ ଆମେ ସେହି ପଡାକୁ ମଧ୍ଯ ନିଜର ବୋଲି ଭାବୁ।

ଗ)ଅନ୍ୟ ଗାଁ କୁ ଗଲେ ଯେଉଁଠି ମୋର ନିଜ ଘର ସେହି ଗାଁ ଟି ମୋର ଓ ସେହି ଗାଁ ରେ ଥିବା ନଦୀ, ପୁଷ୍କରିଣୀ, ବଗିଚା ସବୁ କିଛି ଭାରି ସୁନ୍ଦର ବୋଲି ମନେ କରୁ।

ଘ)ଅନ୍ୟ ରାଜ୍ୟରେ ଥିବା ବେଳେ ନିଜ ରାଜ୍ୟର ରାଜାଙ୍କ ଠାରୁ ଆରମ୍ଭ କରି ପ୍ରଜାମାନଙ୍କର ଶ୍ରେଷ୍ଠ ପଣ ଓ ହାତୀ ଘୋଡା ଠାରୁ ଛେଳି ମେଣ୍ଢା ଯାଏଁ ସବୁ ଭଲ ବୋଲି ମନେ କରୁ।

ଙ)ଯେଉଁ ସ୍ଥାନରେ ଆମର ଜନ୍ମ ଓ ଘର ସେହି ସ୍ଥାନ ଆମକୁ ସ୍ୱର୍ଗ ଠାରୁ ଅଧିକ ଭଲ ଲାଗେ।

ଚ)ପିଲାଟି ଜନ୍ମ ହେବା ପରେ ମାଁ ଠାରୁ ଯେଉଁ ଭାଷା ଶିକ୍ଷେ ତାକୁ ମାତୃ ଭାଷା କୁହନ୍ତି। ନିଜ ମନର ଭାବକୁ ସେ ପ୍ରଥମେ ମାତୃଭାଷାରେହିଁ ପ୍ରକାଶ କରିଲା, ତେଣୁ ଜଣେ ନିଜ ମାତୃଭାଷାକୁ ବଡ ମନେ କରେ।

CHAPTER-2 ମୋତେ 'ଚମତ୍କାର' ଦିଅ

୧)ବାକ୍ୟ ଗଠନ କର:-

ବ୍ୟସ୍ତ ହୋଇ ଘରର ସବୁ କାମ କରନ୍ତି।

ଚାଷୀଟି ବ୍ୟାଙ୍କରୁ ଋଣ ନେଲା ।

କୋଣାର୍କ ଏକ ପ୍ରସିଦ୍ଧ ମନ୍ଦିର ଅଟେ।

ପିଲାଟିର କାର୍ଯ୍ୟ ସମସ୍ତଙ୍କୁ ବିସ୍ମିତ କଲା।

ମୋ ଜେଜେ ବାପା ଭୀଷଣ ଆଣ୍ଠୁ ରୋଗରେ ପଡିଛନ୍ତି।

ବାପା ଅସହାୟ ଲୋକମାନଙ୍କୁ ସାହାଯ୍ୟ କରନ୍ତି।

ଈଶ୍ୱର ଆମ ଜୀବନରେ ଅନେକ ଚମତ୍କାର କରିଥାନ୍ତି।

୩)ଶୂନ୍ୟସ୍ଥାନ ପୂରଣ:- ପ୍ରସିଦ୍ଧ, ବ୍ୟସ୍ତ, ଋଣ, ବିଷର୍ଣ୍ଣ, ଭୀଷଣ

୫)ପ୍ରତିଶବ୍ଦ:-

ଭ୍ରାତା, ସହୋଦର

ପୁତ୍ର, କୁମର

ଗୃହ, ନିଳୟ

ବିଶ୍ବ, ମହୀ

ଜନନୀ, ମାତା

୬)ବିପରୀତ ଅର୍ଥ:- ଅସୁସ୍ଥ, ଅସହାୟ, ଅଦରକାରୀ, ଜଟିଳ, ଅବିଶ୍ୱାସ, ଅଭଦ୍ର

୭)ଉତ୍ତର:-

କ)ଟେସି ର ଭାଇ ଅସୁସ୍ଥ ଥିଲା।

ଖ)ଝିଅ ଟି ର ବୟସ ପାଞ୍ଚ ବର୍ଷ ଥିଲା।

ଗ)ଟେସି ଉଠି ପଡି ତା ଶୋଇବା ଘରକୁ ଗଲା।

ଘ)ଟେସି ପଇସାକୁ ତିନି ଥର ଗଣିଲା।

ଙ)ଔଷଧ ଦୋକାନୀ ତା ଭାଇ ସହିତ କଥା ହେଉଥିଲେ।

ଚ)ଔଷଧ ଦୋକାନୀ କୁନି ଝିଅଟିକୁ ପଚାରିଲେ, କୁହ ମୁଁ ତୁମ ପାଇଁ କ'ଣ କରି ପାରିବି।

ଛ)ଟେସି ଭାଇର ସ୍ନାୟୁ ଜନିତ ବେମାରି ଥିଲା।

ଜ)ଟେସିର ଭାଇ ସ୍ନାୟୁ ଜନିତ ରୋଗରେ ଅସୁସ୍ଥ ଥିବାରୁ ତା'ର ସୁସ୍ଥ ତା ନିମନ୍ତି ଟେସିର ବାପାଙ୍କୁ କିଛି ଆଶା ଦେଖା ଯାଉ ନଥିଲା।

ଝ)ପାଞ୍ଚ ବର୍ଷ ର ଝିଅ ଟେସି ପରିବାର ର ଏହି ଅବସ୍ଥା ଦେଖି ଓ ବାପାଙ୍କ ମୁଁହ ରୁ ସବୁ ବେଳେ ତା ଭାଇ ପ୍ରତି ଚମତ୍କାର ନିଶ୍ଚୟ ଏହି ଶବ୍ଦଟି ସୁଣି ଚୁପଚାପ ରହୁଥିଲା।

ଞ)ଟେସି ଔଷଧ ଦୋକାନୀକୁ କହିଲା ମୋ ଭାଇର ଦେହ ଭୀଷଣ ଖରାପ।ବାପା କହୁଛନ୍ତି କେବଳ ଚମତ୍କାର ହିଁ ତାକୁ ବଞ୍ଚାଇ ପାରିବ।ତେଣୁମୋର ସବୁ ପଇସା ନେଇ ମତେ ଚମତ୍କାର ଦିଅନ୍ତୁ।

ଟ)ଯେତେବେଳ ଦୋକାନୀ ଚମତ୍କାର ନାମକ ଔଷଧ ଦୋକାନ ରେ ମିଳେ ନାହିଁ ବୋଲି କହିଲେ ସେତେବେଳେ ଟେସି ବିଷର୍ଣ୍ଣ ଦେଖାଗଲା।

ଠ)ଚିକାଗୋରୁ ଆସିଥିବା ଔଷଧ ଦୋକାନୀର ଭାଇ ପ୍ରକୃତ ରେ ଜଣେ ନ୍ୟୁରୋ ସର୍ଜନ ଡାକ୍ତର ଥିଲେ।

ଡ)ଆମେ ତ ଆପଣଙ୍କ ଋଣ ଜୀବନ ରେ ସୁଝି ପାରିବୁ ନାହିଁ, ଏକଥା ଟେସିର ଭାଇ ଭଲ ହେବା ପରେ ତାର ବାପା ଓ ମା' ଡାକ୍ତର ଆର୍ମଷ୍ଟ୍ରଙ୍ଗଙ୍କୁ କହିଥିଲେ।

ଢ)ଡାକ୍ତର ଆର୍ମଷ୍ଟ୍ରଙ୍ଗ ବିଦାୟ ନେଲା ବେଳେ କହିଲେ , ଚମତ୍କାର ଯେ ଔଷଧ ଏହା ଦୋକାନ ରେ ମିଳେ ନାହିଁ, ମାତ୍ର ବିଶ୍ବାସ ରେ ମିଳି ଥାଏ। ଯାହା ଟେସିର ସରଳ ବିଶ୍ବାସ ଠାରୁ ମଧ୍ୟ ବଡ।

## CHAPTER-3 ଭଲ କି କରିନି ମୁହିଁ?

୨)ବାକ୍ୟ ଗଠନ:-

ହିଂସ୍ରଜନ୍ତୁମାନେ ଗହନ ବନରେ ରୁହନ୍ତି।

ପାହାଡ ବୁକୁରେ ଝରଣାଟି ବୋହି ଯାଉଛି।

ବାଲୁତ ସୁରୁଜ ଉଠିବା ପୂର୍ବରୁ ମା' ବିଛଣା ତ୍ୟାଗ କରନ୍ତି।

ମୋ ମା'ର ଦେହରେ ସୁନା ହାରଟି ଶୋଭା ପାଉଛି।

ମା'ତାର ଶିଶୁକୁ ପଣତ କାନିରେ ଘୋଡାଇ ରଖିଛି।

ଘଣ୍ଟାର ଶବ୍ଦ ଶୁଣି ମୁଁ ଧଡପଡ ହୋଇ ବିଛଣା ଛାଡିଲି।

୩)ଶୂନ୍ୟସ୍ଥାନ ପୂରଣ:- ନିସାହା, ଫୁରୁଫୁରୁ, ମା, ଦେହ, ବାଳୁତ, ବନ, ଧୁଡୁଧୁଡୁ, ଥୁରୁଥୁରୁ, ଦାଢେ, ବାଆ

୪)ପଦ୍ୟ ରୂପ:- ବରତିବ, ଜନମ, ମରଣ

୬)ଉତ୍ତର;-

କ)ପିଲାଟି ବାଳୁତ ସୂର୍ଯ୍ୟ ନ ଉଠୁଣୁ ଶୁଆ ସାରି ଡାକ ଶୁଣି ଆନନ୍ଦରେ ଧଡପଡ ହୋଇ ଉଠିଲା ବୋଲି ବର୍ଣ୍ଣନା ହୋଇଛି।

ଖ)ପିଲାଟି ପିଞ୍ଜରା ଖୋଲି ଶୁଆ ସାରି ଇତ୍ୟାଦି ପକ୍ଷୀଙ୍କୁ ଉଡାଇ ଦେଇଛି।

ଗ) ପିଞ୍ଜରାରୁ ବାହାରି ଚଢେଇମାନେ ଆନନ୍ଦ ରେ ନିଜ ବାସ ସ୍ଥାନକୁ ଗଲେ, ଯେଉଁ ଠାରେ ତାଙ୍କ ସାଙ୍ଗ ସାଥୀମାନେ ରହୁଥିଲେ।

ଘ)ପିଲାଟି ଶୀତରେ ଥରୁଥିବା ବୁଡାଟିକୁ ନିଜ ଦେହରୁ ଲାଲ ଶାଲ୍ ଟିଏ ଦେଇ ସାହାଯ୍ୟ କରିଲା।

ଙ)ଶୀତରୁ ଉଧାର ପାଇଁ ତା ମା'ର ପଣତ କାନିକୁ ଶୀତ ବସ୍ତ୍ର ରୂପେ ବ୍ୟବହାର କରିବ ବୋଲି ତାର ମା କୁ କହିଛି।

## CHAPTER-4 ଗୁରୁ ଦକ୍ଷିଣା

୨)ବାକ୍ୟ ଗଠନ:-

ରାମୁ ଏକ ଆଦର୍ଶ ଛାତ୍ର ଥିଲା।

ମୁଁ ପିତାମାତାଙ୍କ ଉପଦେଶ ପାଳନ କରେ।

ମୁଁ ପରୀକ୍ଷାରେ ଭଲ କରିବା ପାଇଁ ମନସ୍ଥ କରିଛି।

ଶିକ୍ଷକ ଶ୍ରେଣୀରେ ଚିଲିକାର ଦୃଶ୍ୟ ବିଷୟରେ ବର୍ଣ୍ଣନା କରି କହିଲେ।

ପିଲାଟି ସର୍ତ୍ତ ରଖି ପଢିଥିବାରୁ ପରୀକ୍ଷାରେ ପ୍ରଥମ ହେଲା।

ପ୍ରତ୍ୟେକ ମଣିଷ ଈଶ୍ୱରଙ୍କଠାରେ ସମର୍ପଣ ଜୀବନ କାଟିବା ଉଚିତ୍।

୩)ବିପରୀତ ଅର୍ଥ:- ସାହସୀ, ଧୈର୍ଯ୍ୟ, ଉଦ୍ଧତ, ଅନୁପଯୁକ୍ତ

୪)ଶୂନ୍ୟସ୍ଥାନ ପୂରଣ କର:- ଆନନ୍ଦ, ନୀରବ, ବ୍ୟସ୍ତ, ସ୍ଥାନ, ଉପଦେଶ, ନିର୍ଦ୍ଦେଶ

୫)ଠିକ ଶବ୍ଦ:- ପ୍ରସ୍ତୁତ, ସନ୍ତର୍ପଣ, ଅନୁଭୂତ, ଉତ୍ତୀର୍ଣ୍ଣ

୬)ଉତ୍ତର:-

କ)ଦୁଇ ସାଙ୍ଗଙ୍କ ନାମ ସୁଶାନ୍ତ ଓ କମଳ ଥିଲା।ସେମାନେ ଏକ ବୈଦିକ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିଲେ।

ଖ)ସୁଶାନ୍ତ ଓ କମଳ ର ପିତା ମାତା ଆନନ୍ଦିତ ଥିଲେ କାରଣ ସେମାନେ ନିଶ୍ଚିନ୍ତ ଥିଲେ ଯେ ତାଙ୍କ ପିଲାମାନେ ଉତ୍ତମ ଓ ଆଦର୍ଶବାନ ଗୁରୁଙ୍କ ପାଖରେ ବଢିଛନ୍ତି।

ଗ)ଗୁରୁ ଦକ୍ଷିଣା ସ୍ୱରୂପ ସୁଶାନ୍ତ ଓ କମଳ କୁ ଗୁରୁ ଦୁଇଟି ଶୁଆ ଦେଇ କହିଲେ , ତୁମେ ଦୁଇଜଣ ଏଇ ଶୁଆ ଦୁଇଟିକୁ ନେଇ ଏପରି ସ୍ଥାନରେ ମାରିକି ଆଣିବ ଯେପରି କେହି ତୁମ କର୍ମ କୁ ଦେଖିନଥିବେ।

ଘ)ସୁଶାନ୍ତ ଶୁଆକୁ ଧରି ଏକ ନିଛାଟିଆ ସ୍ଥାନ କୁ ନେଇ ଚାରିଆଡ କୁ ଆଖି ବୁଲାଇ ଦେଖିଲା କେହି କୁଆଡେ ଦେଖା ଯାଉ ନାହାନ୍ତି, ସେ ସଙ୍ଗେ ସଙ୍ଗେ ଶୁଆଟିକୁ ମାରି ଦେଇ ଗୁରୁଜୀଙ୍କୁ ଦେଲା।

ଙ)କମଳ ଗୁରୁଜୀଙ୍କ ନିର୍ଦ୍ଦେଶ ପାଳନ କରି ନ ପାରି ଥିବାରୁ ଗୁରୁଙ୍କ ପାଖକୁ ଆସି ବ୍ୟସ୍ତ ଓ ଅଧୌର୍ଯ୍ୟ ହେଉ ଥିଲା।

ଚ)ମତେ କ୍ଷମା କରି ଦିଅନ୍ତୁ- ଏକଥା କମଳ ଗୁରୁଙ୍କୁ ତାଙ୍କ ବିଦ୍ୟାଳୟକୁ ଆସି ଗୁରୁଙ୍କ ପାଦ ତଳେ ବସି କହି ଥିଲା।

ଛ)କମଳ ଯେତେ ନିଛାଟିଆ ସ୍ଥାନ ଖୋଜି ଶୁଆଟିକୁ ମାରିବାକୁ ଚାହୁଁଥିଲା, ସେତେ ସେ ଦେଖୁଥିଲା ଶୁଆଟି ବିକଳରେ ତା ଜୀବନ ଭିକ୍ଷା କରୁଛି, ତେଣୁ ସେ ଶୁଆଟିକୁ ମାରି ପାରି ନ ଥିଲା।

ଜ)କମଳର ନମ୍ର ସ୍ୱଭାବ ଓ ଠିକ ବୁଝାବଣା ପାଇଁ ଗୁରୁ ମୁଣ୍ଡ ନୁଆଁଇ ଥିଲେ।

ଝ)କମଳ ପରୀକ୍ଷାରେ କୃତୀତ୍ୱ ସହ ଉତ୍ତୀର୍ଣ୍ଣ ହୋଇଥିଲେ।

ଞ)ଏ ଗପରୁ ଆମେ ଶିଖୁଚୁ ଯେ ନମ୍ର ସ୍ୱଭାବ ଓ ଠିକ ବୁଝାବଣା ଆମକୁ ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସାହାଯ୍ୟ କରିବ।

**CHAPTER-5 ବୁଦ୍ଧି ବିଚାରି କାମ କଲେ**

୨)ବାକ୍ୟ ଗଠନ:-

ମୋ ମା'ର ସ୍ନେହ <u>ଶରଧା</u> ମୁଁ ଭୁଲି ପାରିବି ନାହିଁ।

କାହାରି <u>ଅନିଷ୍ଟ</u> କର ନାହିଁ।

ମୁଁ ପ୍ରଭୁଙ୍କ ପାଖରେ <u>ଭରସା</u> ରଖି ଚାଲେ।

ରାମ ଅସୁସ୍ଥ ହେବାରୁ ତାକୁ <u>ତୁରନ୍ତ</u> ଡାକ୍ତର ପାଖକୁ ନିଆ ଗଲା।

ବିଲେଇଟି ଆଖି <u>ପିଛୁଳାକେ</u> ମାଛ ନେଇ ଚାଲିଗଲା।

ମୋ ପରିବାରର <u>ବିପତ୍ତି</u> ସମୟରେ ପ୍ରଭୁହି ସାହା ହୋଇଥାନ୍ତି।

୩)ବିପରୀତ ଅର୍ଥ:- ସୁଲକ୍ଷଣୀ, ଅଭାଗା, ହସିଲା, ଉପାୟ, ଉଚ୍ଚକପାଳୀ, ବ୍ରହ୍ମଣ, ଘୃଣା, ପାଖ, ଭୃତ୍ୟ, ଅନିଛା, ଆସିବା

୪)ଶୂନ୍ୟସ୍ଥାନ ପୂରଣ:- ଦୂର,ବିଚାରି, ଶରଧା, ଅଭାଗିନୀ, ଅଲକ୍ଷଣୀ, ହୀନ କପାଳୀ

୫)ପଦ୍ୟରୂପ:- କରମ, ଧରମ, ତପତ

୬)ପ୍ରତିଶବ୍ଦ:-

ଅହି, ସର୍ପ

ନୀର, ଜଳ

ନୟନ, ନେତ୍ର

କର, ହସ୍ତ

ପାଦ, ପୟର

୮)ଉତ୍ତର:-

କ)ବ୍ରହ୍ମଣୀ ନେଉଳ ଟି ପାଳିଥିଲା।

ଖ)ଅଧ ରାତିରେ ବ୍ରାହ୍ମଣୀ ର ଛୁଆଟି ହେଲା।

ଗ)ନେଉଳ ଛୁଆଟି କାଳେ ତା ପିଲାର ଅନିଷ୍ଟ କରିବ, ଏହା ଭାବି ବ୍ରାହ୍ମଣୀ ନେଉଳ ଛୁଆକୁ ଡରୁ ଥିଲା।

ଘ)ବ୍ରାହ୍ମଣୀ ପୁଅକୁ ଛାଡି ପାଣି ଆଣିବାକୁ କୂଅମୂଳକୁ ଯାଇଥିଲା।

ଙ)ପୁଅକୁ ତାର ବାପା ଜଗିଥିଲା ହଟାତ ରାଜା ଡକାଇ ବାରୁ ସେ ତୁରନ୍ତ କାମରେ ଚାଲି ଯାଇଥିଲେ।

ଚ)ନେଉଳ ଏକ ଗୋଖର ସାପ କୁ ପୁଅର ଶେଯ ପାଖରେ ଦେଖିଲା।

ଛ)ନେଉଳ ସାପ ଉପରକୁ ଡେଇଁ ପଡି ତାକୁ ତାର ମୁନିଆ ଦାନ୍ତ ରେ ଖିନଭିନ କରି ମାରିଲା।

ଜ)ନେଉଳ ପାଟି ରେ ରକ୍ତ ଦେଖି ବ୍ରାହ୍ମଣୀ ଭାବିଲା ନିଶ୍ଚୟ ନେଉଳ ତାର ପୁଅକୁ ମାରିଛି।

ଝ)ବ୍ରାହ୍ମଣୀ ଗୋଟିଏ ପଥରରେ ନେଉଳ ମୁଣ୍ଡ କୁ ଛେଚିଛେଚି ମାରିଲା।

ଞ)ବ୍ରାହ୍ମଣୀ ଶେଷ ରେ ସାପଟିକୁ ମରି ପଡିଥିବାର ଦେଖି ବୁଝି ପାରିଲା ଯେ ନେଉଳ ସାପକୁ ମାରି ଥିବାରୁ ତା ପାଟିରେ ରକ୍ତ ଲାଗିଥିଲା।

ଟ)ଏ ଗପରୁ ଆମେ ଶିଖୁଚୁ ଯେ ବୁଝି ବିଚାରି କାମ ନକଲେ ଦୁଃଖ ପାଇବା।

**CHAPTER-6 ଗର୍ବ ର ପରିଣତି**

୨)ବାକ୍ୟ ଗଠନ:-

ପିଲାଟି <u>କ୍ଷୁଧାରେ</u> କାନ୍ଦୁଛି।

ରାମୁ ଖେଳିବା ପାଇଁ <u>ରୋଦନ</u> କରୁଛି।

ମୋର <u>କଲ୍ୟାଣମୟୀ</u> ମା’ ମୋତେ ସବୁବେଳେ ଉତ୍ତମ ଶିକ୍ଷା ଦେଇଥାନ୍ତି।

ପ୍ରବଳ ବର୍ଷା ଯୋଗୁଁ ନଈ ବଢୀର <u>ଆଶଙ୍କା</u> ଦେଖାଯାଉଛି।

ବାପା କାର୍ଯ୍ୟ ରତ ଥିବାବେଳେ କାହାରି କଥା ଶୁଣନ୍ତି ନାହିଁ।

ମୁଁ ପଦ୍ୟଟିକୁ ଗଦ୍ୟରେ ରୂପାନ୍ତର କରି ଲେଖିଲି।

ମୋର ମା ଘରର ସମସ୍ତ କାର୍ଯ୍ୟ ସମ୍ପାଦନ କଲା ପରେ ମୋ ପାଠ ଦେଖନ୍ତି।

ମୋର ଭାଇକୁ ରମେଶ ବାବୁ ଏକ ନୂଆ କାର୍ଯ୍ୟରେ ନିୟୋଜିତ କରିଦେଲେ।

୩) "କ" ସ୍ତମ୍ଭ "ଖ" ସ୍ତମ୍ଭ :-

"ଖ" ସ୍ତମ୍ଭ

ପରମ ଶତ୍ରୁ

ନମ୍ର କୋମଳ

ଯନ୍ତ୍ରଣା

ଜିହ୍ୱା

ଦାନ୍ତ

ମାଆ

୪)ଶୂନ୍ୟସ୍ଥାନ ପୂରଣ:- କ୍ଷୁଧା, ବତିଶଟି, ଶରୀର, ପରିବର୍ତ୍ତନ, ଦୁର୍ଦ୍ଦଶା

୫)ବିପରୀତ ଅର୍ଥ:- ମୃତ୍ୟୁ, ସୁଖ, ମିତ୍ର, ବିଷାଦ, ଆରମ୍ଭ, ଟାଣ, ସବଳ

୬)ଉତ୍ତର:-

କ)ଆମେ ବାଦାମ, ନଡିଆ, ବୁଟ, ଆଖୁ ପରି ଶକ୍ତ ଜିନିଷ କୁ ଗୁଣ୍ଡକରି ଖାଇଥାଉ।

ଖ)ସୁଭାଷା ଓ କୁଭାଷା ପାଇଁ ଜିହ୍ୱା ଦାୟୀ ନୁହେଁ।

ଗ)ପ୍ରାୟ ପଚାଶ ବର୍ଷ ପରେ ଗୋଟିଏ ପରେ ଗୋଟିଏ ଦାନ୍ତର ପତନ ହୋଇଥାଏ।

ଘ)ଆମ୍ଭେମାନେ ମନେ ରଖିବା ଉଚିତ୍ ଯେ କାହାରି ଗର୍ବ ସଂସାରରେ ସବୁଦିନ ପାଇଁ ରହେ ନାହିଁ।

ଙ)ଶିଶୁଟି ଜନ୍ମ ହେବା ପରେ ତାର ଖାଦ୍ୟ ଓ ଶରୀର ରକ୍ଷା ନିମନ୍ତେ ରୋଦନ କରିଥାଏ।

ଚ)ଶିଶୁଟି ମାଆର ସର୍ବ ପୁଷ୍ଟିକର କ୍ଷୀର ଖାଇ ବଢେ ଓ ଜିଭ ସାହାଯ୍ୟରେ କ୍ଷୀରର ମିଷ୍ଟତାକୁ ଅନୁଭବ କରିଥାଏ।

ଛ)ଜନ୍ମ ହେବାର ଛ/ସାତ ମାସ ପରେ ଶିଶୁର ଦାନ୍ତ ଉଠିଥାଏ।

ଜ)ଜଣେ ବୟସ୍କ ବ୍ୟକ୍ତିର ବତିଶଟି ସୁଦୃଢ ଦାନ୍ତ ଥାଏ।

ଝ)ଦାନ୍ତର କାର୍ଯ୍ୟ ଶକ୍ତ ଜିନିଷ ସବୁକୁ ଗୁଣ୍ଡ କରି ଖାଦ୍ୟସାରରେ ପରିଣତ କରେ।

ଞ)ଜିଭର ଦୁଇଟି ପ୍ରଧାନ କାର୍ଯ୍ୟ ହେଲା- ପାଚନ ଖାଦ୍ୟକୁ ପାକସ୍ଥଳୀକୁ ପଠାଇବା ଓ ମନୁଷ୍ୟର ଚିନ୍ତାଧାରକୁ ଭାଷାରେ ପରି ଣତ କରି ପ୍ରକାଶ କରିବା।

ଟ)ଦାନ୍ତ ଜିଭକୁ ଥଟ୍ଟା କରି କହିଲା ଏହି ଶରୀର ଆମ ଦାନ୍ତ ମାନଙ୍କ ଯୋଗୁଁ ବଞ୍ଚିଛି।

ଠ)ଏହି ପାଠରେ ଆମକୁ ଜିଭ ପରି କୋମଳ  ଓ ନମ୍ର ହେବାକୁ କୁହା ଯାଇଛି।

ଡ)ଗର୍ବ ମନୁଷ୍ୟର ପରମ ଶତ୍ରୁ ଅଟେ।